2024030238

ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ପରିଚାଳନା

ବିଷୟ ବସ୍ତୁ

ଶ୍ରୀ ସୁବ୍ରତ କୁମାର ପାଣିଗ୍ରାହୀ
ବୈଜ୍ଞାନିକ (କୃଷି ସଂପ୍ରସାରଣ)

ଡ. ଲଳିତ କୁମାର ମହାନ୍ତି
ବୈଜ୍ଞାନିକ (କ୍ଷେତ୍ରବିଜ୍ଞାନ)

ସଂପାଦନା

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଆଲେଖ୍ୟ :

ଶ୍ରୀ ସୁବ୍ରତ କୁମାର ପାଣିଗ୍ରାହୀ
ବୈଜ୍ଞାନିକ (କୃଷି ସଂପ୍ରସାରଣ)

ଡ. ଲଳିତ କୁମାର ମହାନ୍ତି
ବୈଜ୍ଞାନିକ (କ୍ଷେତ୍ରବିଜ୍ଞାନ)

ସଂପାଦନା :

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ପ୍ରକାଶକ :

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

ପ୍ରଥମ ସଂସ୍କରଣ : ୨୦୨୪

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ପରିଚାଳନା

-: ଆଲେଖ୍ୟ :-

ଶ୍ରୀ ସୁବ୍ରତ କୁମାର ପାଣିଗ୍ରାହୀ

ବୈଜ୍ଞାନିକ (କୃଷି ସଂପ୍ରସାରଣ)

ଡ. ଲଳିତ କୁମାର ମହାନ୍ତି

ବୈଜ୍ଞାନିକ (କ୍ଷେତ୍ରବିଜ୍ଞାନ)

-: ସମ୍ପାଦନା :-

ଡ. ସୁନୀଲ କୁମାର ମହାପାତ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ସ୍ୱୟଂ ସହାୟକ ଗୋଷ୍ଠୀ

ଆର୍ôଥିକ ବିକାଶ ନିଶ୍ଚିତ ଭାବରେ ସାମୂହିକ ପ୍ରଗତିର ମୁଖ୍ୟ ଉପାଦାନ ଅଟେ । କିନ୍ତୁ ଛୋଟଚାଷୀ, ଭୂମିହୀନ, ମଜୁରିଆ, କ୍ଷୁଦ୍ର ବ୍ୟବସାୟୀ ଓ ଅନ୍ୟ ଗରିବ ଲୋକମାନେ ଏବେ ମଧ୍ୟ ସାହୁକାର ମାନଙ୍କ ପାଖରେ ହାତ ପାତୁଛନ୍ତି । ବ୍ୟାଙ୍କରେ ଜମାରଖିବା ପାଇଁ ଏହି ଲୋକମାନଙ୍କ ପାଖରେ ହୁଏତ ଆଦୌ ସଞ୍ଚୟ ନାହିଁ କିମ୍ବା ଯଦି ଅଛି ବହୁତ କମ୍, କିନ୍ତୁ ଏମାନଙ୍କର ବାରମ୍ବାର ଉକ୍ତ ଋଣର ଆବଶ୍ୟକତା ପଡ଼ିଥାଏ । ଉକ୍ତ ପ୍ରକ୍ରିୟାରେ ଦେଣନେଣ ବାବଦରେ ଅଧିକ ଖର୍ଚ୍ଚ ଏବଂ ବୁଡ଼ିଯିବାର ଆଶଙ୍କାକୁ ଦେଖି ବ୍ୟାଙ୍କ ଏମାନଙ୍କ ସହ କାରବାର କରିବାକୁ ସଙ୍କୋଚ ପ୍ରକାଶ କରେ । ତେଣୁ ଗରିବ ଲୋକମାନେ ବିଶେଷ କରି ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ / ଦଳ ଗଠନ କଲେ ଉପରୋକ୍ତ ସମସ୍ୟାରୁ ସହଜେର ମୁକ୍ତି ମିଳିବ। ଏବେ ସରକାର ଏହି ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ପାଇଁ ମିଶନଶକ୍ତି ଗଠନ କରିଛନ୍ତି। ଯାହା ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛି। ଓଡ଼ିଶାରେ ପ୍ରାୟ ୬ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଶନଶକ୍ତି ଦ୍ୱାରା ପରିଚାଳିତ ହେଉଛି ଯେଉଁଥିରେ ପ୍ରାୟ ୭୦ଲକ୍ଷ ମହିଳା ସଦସ୍ୟ ରହିଛନ୍ତି।

ସ୍ୱୟଂ ସହାୟକ ଗୋଷ୍ଠୀ କ'ଣ ଅଟେ?

ସ୍ୱୟଂ ସହାୟକ ଗୋଷ୍ଠୀ ସମ ସମାଜିକ ଓ ଆର୍ଥିକ ପାହ୍ୟାର ଗ୍ରାମୀଣ ମହିଳା ମାନଙ୍କ ଦ୍ୱାରା ନିଜ ଇଚ୍ଛାରେ ଗଠିତ ଏକ ଅଣ ଅନୁଷ୍ଠାନିକ ଗୋଷ୍ଠୀ, ଯେଉଁଥିରେ ସଦସ୍ୟମାନେ ନିଜ ନିଜ ଆୟରୁ ସାଧ୍ୟମତେ ଯାହା ବଳକା ରଖି ଥାଆନ୍ତି, ତାହା ସମୂହ ସଞ୍ଚୟ ପାଣ୍ଠିରେ ରଖୁ ଥାଆନ୍ତି ଏବଂ ଗୋଷ୍ଠୀର ସଦସ୍ୟ ମାନଙ୍କର ଉତ୍ପାଦନ କିମ୍ବା ଜରୁରୀ କାଳୀନ ଆବଶ୍ୟକତା ପୂର୍ତ୍ତି ପାଇଁ ଋଣ ରୂପରେ ଦେବାକୁ ପରସ୍ପର ରାଜି ହୋଇଥାନ୍ତି ।

ଉଦ୍ଦେଶ୍ୟ :

➢ ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କ ପାଇଁ ଆବଶ୍ୟକୀୟ ଋଣ ଯୋଜନା ତିଆରି କରିବା ।

➢ ଜନସାଧାରଣ ଏବଂ ବ୍ୟାଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ଆତ୍ମ ବିଶ୍ୱାସ ଜନ୍ମାଇବା।

➢ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ସଞ୍ଚୟ ସହିତ ଋଣକୁ ମଧ୍ୟ ଉତ୍ସାହିତ କରିବା।

ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପ୍ରଣାଳୀ

➢ ଏହି ଗୋଷ୍ଠୀରେ ୧୦ ରୁ ୨୦ ଜଣ ପର୍ଯ୍ୟନ୍ତ ସଦସ୍ୟ ରହିପାରିବେ ।।

➢ ଏହି ଗୋଷ୍ଠୀ ପଞ୍ଜୀକୃତ (ରେଜିଷ୍ଟ୍ରୀଭୁକ୍ତ) କିମ୍ବା ଅଣପଞ୍ଜୀକୃତ ହୋଇପାରିବ ।

➢ ଗୋଷ୍ଠୀ ଦ୍ୱାରା ନିଜକୁ ନିୟନ୍ତ୍ରିତ କରିବା ପାଇଁ ଏକ ଆଚରଣ ବିଧି ତିଆରି ହେବା ଦରକାର ।

➢ ଗୋଷ୍ଠୀ ଦ୍ୱାରା ସଞ୍ଚୟ କିସ୍ତି, ଋଣ ସର୍ତ୍ତାବଳୀ, ଏହାର ସମୟସୀମା ଏବଂ ସଦସ୍ୟମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଋଣ ଦିଆଯାଉଛି, ଏହାର ନିର୍ଦ୍ଧାରଣ ଗୋଷ୍ଠୀଦ୍ୱାରା ହେବା ଦରକାର ।

➢ ସ୍ୱୟଂ ସହାୟକ ଗୋଷ୍ଠୀରେ ୨୦ରୁ ଅଧିକ ସଦସ୍ୟ ରହିବାର କୌଣସି ପ୍ରତିବନ୍ଧକ ନାହିଁ। କିନ୍ତୁ ୨୦ରୁ ଅଧିକ ଲୋକ କୌଣସି ଗୋଷ୍ଠୀ ଗଠନ କରି ଲାଭଦାୟକ ଧନ୍ଦା କଲେ ଏହାକୁ ରେଜିଷ୍ଟ୍ରେସନ କରିବା ଦରକାର ।

➢ ଗୋଷ୍ଠୀର କାର୍ଯ୍ୟ ପ୍ରଣାଳୀ ଗଣତାନ୍ତ୍ରିକ ହେବା ଦରକାର ଯେଉଁଥିରେ ସଦସ୍ୟମାନଙ୍କୁ ମତାମତ ପ୍ରଦାନ ଏବଂ ମତବ୍ୟକ୍ତ କରିବାର ସ୍ୱାଧିନତା ଥିବା ଦରକାର ।

➢ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲାଯିବା ଦରକାର ।

ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ କେଉଁମାନେ ପରିପାରିବେ :

ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଏକ ସ୍ୱେଚ୍ଛାସେବୀ ସଂସ୍ଥା / ଅଣ ସରକାରୀ ସଂଗଠନ (NGO) କିମ୍ବା ବାଣିଜ୍ୟ, ସରକାରୀ ଏବଂ କ୍ଷେତ୍ରୀୟ ଗ୍ରାମ୍ୟବ୍ୟାଙ୍କର ଶାଖା ପ୍ରବନ୍ଧକ ମାନଙ୍କର ଚେଷ୍ଟାରେ କରାଯାଇ ପାରିବ । ସହଯୋଗ ପାଇଁ ଅଣ ସରକାରୀ ସଂଗଠନର ଚୟନ ପ୍ରଣାଳୀ

➢ ଅଣ ସରକାରୀ ସଂଗଠନ / ସ୍ୱେଛାସେବୀ ସଂସ୍ଥାର ପୂର୍ବ ରେକର୍ଡ଼ ଭଲ ହୋଇଥିବା ଦରକାର ।

➢ ଜମାଖର୍ଚ୍ଚ ରକ୍ଷଣା ବେକ୍ଷଣର ଉଚିତ ବ୍ୟବସ୍ଥା ଏବଂ ବିଗତ ୩ବର୍ଷର ହିସାବ ପତ୍ର (ଅଡ଼ିଟ୍) ରିପୋର୍ଟ ଉପଲବ୍‌ଧି ହେବା ଦରକାର ।

➢ସମାଜର ଦୁର୍ବଳ ବର୍ଗ ସମ୍ବନ୍ଧିତ ବ୍ୟକ୍ତି ମାନଙ୍କ ଗୋଷ୍ଠୀକୁ ବିକଶିତ କରିବା ଏବଂ ତାଙ୍କ ସହ ମିଶି କାମ କରିବାର ଦୃଷ୍ଟିକୋଣ ରହିବା ଦରକାର ।

ଆଚରଣ ବିଧି ଓ ଶୃଙ୍ଖଳା :

ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀ ସୂଚାରୁ ରୂପେ କାମ କରିବା ପାଇଁ ନିଜ ନିଜର ଏକ ଆଚରଣ ବିଧି ପ୍ରସ୍ତୁତ କରିବା ଉଚିତ । ଏହି ଆଚରଣ ବିଧି ଲିଖିତ ଆକାରରେ ରହିଲେ ଭଲ । ଏହି ଆଚାରଣ ବିଧିରେ ରହୁଥିବା ନିୟମାବଳୀ ଗୋଷ୍ଠୀର ସଭ୍ୟମାନେ ପ୍ରସ୍ତୁତ କରନ୍ତି । ସାଧାରଣତଃ ସେମାନେ ନିମ୍ନ କେତୋଟି ବିଷୟରେ ନିୟମ କରିଥାନ୍ତି ।

୧. ପ୍ରବେଶ ସଂକ୍ରାନ୍ତିୟ-କିଏ ସଭ୍ୟ ହୋଇପାରିବେ, କେମିତି ହେବେ।

୨. ସଭା ସଂକ୍ରାନ୍ତିୟ- ସଭାର ଦିନ, ସମୟ ଓ ସ୍ଥାନ, କେମିତି ସଭା ପରିଚାଳନା ହେବ ସେ ସଂକ୍ରାନ୍ତରେ ।

୩. ଅଂଶ ଗ୍ରହଣ ସମ୍ପର୍କୀୟ- ସବୁ ସଭ୍ୟଙ୍କର ସମାନ ଅଧିକାର ଓ ସୁଯୋଗ । ଭାଗନେବା, ବହୁମତରେ ସିଦ୍ଧାନ୍ତ ଗ୍ରହଣ ଆଦି |

୪. କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କୀୟ - ସଭ୍ୟମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ।

୫. କାର୍ଯ୍ୟବାହୀ ସମିତି ସଂପର୍କୀୟ - ଗୋଷ୍ଠୀର କାର୍ଯ୍ୟବାହୀ ସମିତି (ଅଧ୍ୟକ୍ଷ, ସମ୍ପାଦକ, କୋଷାଧ୍ୟକ୍ଷ ଆଦି) ତାଙ୍କ କାର୍ଯ୍ୟକାଳ ସେମାନଙ୍କ ଦାୟିତ୍ୱ ଆଦି ।

୬. ସଞ୍ଚୟ ସଂକ୍ରାନ୍ତୀୟ– ସଞ୍ଚୟରାଶିର ପରିମାଣ ସାପ୍ତାହିକ / ପାକ୍ଷିକ / ମାସିକ କେଉଁଠି ରଖିବେ (ବ୍ୟାଙ୍କରେ ଜମା / ହାତରେ ଦାୟିତ୍ୱ) ଆଦି ।

୭. ଋଣ ସଂକ୍ରାନ୍ତୀୟ- ଋଣ କାହାକୁ, କିପରି ଦିଆଯିବ । ସୁଧର ହାର, ଋଣ ପରିଶୋଧ ସମୟ, କିଛି ବ୍ୟଙ୍କରୁ ଋଣ ଉଠାଣ ଇତ୍ୟାଦି ।

୮. ଦଳତ୍ୟାଗ ସଂକ୍ରାନ୍ତୀୟ- ସଭ୍ୟକୁ କେଉଁ ପରିସ୍ଥିତିରେ କେମିତି ଦଳରୁ ବହିସ୍କାର କରାଯାଇ ପାରିବ । ତାଙ୍କର ସଞ୍ଚୟ ଋଣ ବାବଦରେ କ'ଣ କରାଯିବ ।

ଗୋଷ୍ଠୀର ସଭ୍ୟମାନେ ଯେଉଁ ନିୟମ ମାନି ପାରିବେ ସେଭଳି ନିୟମ ତିଆରି କରିବା ବିଧେୟ । ଦରକାର ହେଲେ ଗୋଷ୍ଠୀ ନୂଆନିୟମ ଗଢ଼ିପାରେ ଓ ପୁରୁଣା ନିୟମ ବଦଳାଇପାରେ ।

ଶୃଙ୍ଖଳା :

୧. **ନିୟମିତ ଜମା**: ପ୍ରତ୍ୟେକ ସଦସ୍ୟ ନିୟମିତି ରୂପେ କିଛି ଟଙ୍କା ସଞ୍ଚୟ ରାଶି ପ୍ରତ୍ୟେକ ସପ୍ତାହ / ପକ୍ଷରେ / ମାସରେ ଗୋଷ୍ଠୀ ନିକଟରେ ଜମା କରିବେ । କୌଣସି ସଦସ୍ୟ ନିର୍ଦ୍ଧାରିତ ସମୟରେ ସଞ୍ଚୟ ପରିମାଣ ଜମା କରିବାରେ ଅସମର୍ଥ ହେଲେ ତାଙ୍କୁ କିଛି ଟଙ୍କା ପ୍ରତିମାସରେ ଦଣ୍ଡସୁଧ ଦେବାକୁ ପଡ଼ିପାରେ । ସଦସ୍ୟମାନଙ୍କ ଠାରୁ ପ୍ରାପ୍ତ ସଞ୍ଚୟର ରାଶି ତାଙ୍କ ପାସ୍ ବୁକ୍‌ରେ ଚଢ଼ାଇ ଦିଆଯିବ । ଜମା କାରଯାଇଥିବା ରାଶି ବୈଠକରେ ପରଦିନ ଗୋଷ୍ଠୀର ଖାତାରେ ବ୍ୟାଙ୍କରେ ଜମା କରିଦିଆଯିବ ।

୨. **ଜମାରୁ ଋଣ:** ଗୋଷ୍ଠୀ ସଦସ୍ୟମାନଙ୍କୁ ଉତ୍ପାଦନମୁଖୀ କାମଧନ୍ଦା ତଥା ଜରୁରୀ ଆବଶ୍ୟକୀୟ ଋଣ ଯଥା - ଅସୁସ୍ଥତା, ମୃତ୍ୟୁ ଏବଂ ପିଲାମାନଙ୍କ ଶିକ୍ଷା ଆଦିପାଇଁ ଋଣ ଉପଲବ୍ଧି କରାଇବା ସଦସ୍ୟମାନଙ୍କୁ ଦିଆ ଯାଇଥିବା ଋଣରାଶି ତଥା ଏହା ଉପରେ ଦେୟ ସୁଧର ହାର ଗୋଷ୍ଠୀର ବୈଠକରେ ଅଧିକାଂଶ ସଦସ୍ୟମାନଙ୍କର ସହମତିରେ ନିର୍ଦ୍ଧାରଣ କରାଯିବ, କିନ୍ତୁ ଏହା ଉପରେ ଦେୟ ସୁଧ କୌଣସି ପରିସ୍ଥିରେ ମଧ୍ୟ ଗୋଷ୍ଠୀଦ୍ୱାରା ଋଣ ସଂସ୍ଥାମାନଙ୍କ ଠାରୁ ନିଆଯାଉଥିବା ସୁଧଠାରୁ କମ୍ ହେବା ଉଚିତ୍ ନୁହେଁ। ସେହି ସଦସ୍ୟ ଋଣ ଗ୍ରହଣ କରିବାକୁ ଯୋଗ୍ୟ ହେବେ ଯିଏ ନିର୍ଦ୍ଧାରିତ ସଞ୍ଚୟ ରାଶି ସମୟାନୁସାରେ ଜମା କରୁଥିବେ । ସଦସ୍ୟ ଦ୍ୱାରା

ନିଆଯାଉଥିବା ଋଣ ସୁଧ ମାସିକ / ତ୍ରୈମାସିକ / ଅର୍ଦ୍ଧବାର୍ଷିକ ରୂପରେ ସୁଝିବାକୁ ପଡ଼ିବ। ଋଣ ସୁଝିବାରେ ଅସମର୍ଥ ହେଲେ ସଦସ୍ୟଙ୍କୁ କିଛି ଟଙ୍କା ଦଣ୍ଡସୁଧ ପ୍ରତିଦିନ ମାସ ଅନୁସାରେ ଦେବାକୁ ପଡ଼ିପାରେ । ଋଣରୁ ସ୍ୱୀକୃତ ଅଧିକାଂଶ ନିର୍ଦ୍ଧାରିତ ସଦସ୍ୟମାନଙ୍କର ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖରେ ହେବା ଉଚିତ । ସଦସ୍ୟମାନଙ୍କୁ ଋଣ ଚେକ୍ କିମ୍ବା ନଗଦ ଆକାରରେ ବୈଠକ ସମୟରେ ଦିଆଯାଇ ପାରିବ ।

୩. **ବ୍ୟାଙ୍କରୁ ଋଣ-** ଗୋଷ୍ଠୀକୁ ଜାତୀୟକରଣ ବ୍ୟାଙ୍କ,କ୍ଷେତ୍ରୀୟ ଗ୍ରାମ୍ୟ ବ୍ୟାଙ୍କ ତଥା ଅନ୍ୟ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କରୁ ଋଣ ତଥା ଅନ୍ୟ ସାହାଯ୍ୟ ପ୍ରାପ୍ତି କରିବାରେ ଅଧିକାର ରହିବ, ଯାହାକି ଏ ବିଷୟରେ ଗୋଷ୍ଠୀର ବହୁମତ ସିଦ୍ଧାନ୍ତ ଉପରେ ଆଧାରିତ ହେବ । ଅର୍ଥ ପ୍ରଦାନକାରୀ ସଂସ୍ଥାମାନଙ୍କୁ ଗୋଷ୍ଠୀର ଖାତାବହି ଯାଞ୍ଚ କରିବାରେ ଅଧିକାର ରହିବ । ଗୋଷ୍ଠୀ ନିଜର ସଞ୍ଚୟ ରାଶି ଅନୁପାତରେ ବ୍ୟାଙ୍କ ଋଣ ପ୍ରାପ୍ତ କରିବା ପାଇଁ ଏମିତି ଏକ ପ୍ରସ୍ତାବ ନିଜର ସଦସ୍ୟମାନଙ୍କ ଦ୍ୱାରା ଗୃହୀତ କରାଇବା ଉଚିତ୍ । ଋଣ ପତ୍ରର ସ୍ୱାକ୍ଷର କରିବାର ଅଧିକାର ଅଧ୍ୟକ୍ଷ ତଥା ସଚିବଙ୍କୁ ସଂଯୁକ୍ତ ରୂପରେ ନ୍ୟସ୍ତ କରାଯାଇ ପାରେ । ଆର୍ଥିକ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ସଂସ୍ଥାରୁ ପ୍ରାପ୍ତ ଋଣ ପାଇଁ ସମସ୍ତ ସଦସ୍ୟ ବ୍ୟକ୍ତିଗତ ଓ ସମ୍ମିଳିତ ରୂପେ ଦାୟୀ ରହିବେ ।

ରେକର୍ଡ଼ ପ୍ରସ୍ତୁତି

ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ରେକର୍ଡ଼ / ବହିଖାତା ମାନଙ୍କର ସୁବିଧା ମୁତାବକ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଇଥାଏ ।
ଏସବୁର କିଛି ଉଦାହରଣ ନିମ୍ନରେ ଦିଆଗଲା ।

- ଅଧିବେଶନ ଖାତା ।
- ସଞ୍ଚୟ ଖାତା ।
- ଋଣ ଖାତା ।
- ମାସିକ ଆଦାନ ପ୍ରଦାନ ବିବରଣୀ ।
- ସଦସ୍ୟଙ୍କ ସଞ୍ଚୟ ପାସ୍‌ବୁକ୍ / ସଞ୍ଚୟ କାର୍ଡ଼ ।

ବହି ଓ ଖାତା ଗୁଡ଼ିକର ରକ୍ଷଣା ବେକ୍ଷଣ

ଗୋଷ୍ଠୀଦ୍ୱାରା ନିମ୍ନ ବହି ଖାତା ଗୁଡ଼ିକ ରଖାଯିବ, ଯାହା ସଚିବ / କୋଷାଧ୍ୟକ୍ଷଙ୍କ ଦ୍ୱାରା ସଞ୍ଚାଳନ କରାଯିବ ।

୧. ପାସ୍‌ବୁକ୍ ପ୍ରତ୍ୟେକ ସଦସ୍ୟ ପାଇଁ ଅଲଗା ଜମା ଏବଂ ଋଣ ପାସ୍ ବୁକ୍ ବାହାର କରାଯିବା ଉଚିତ୍ ।

୨. **ଅଧିବେଶନ ଏବଂ ଉପସ୍ଥାନ ଖାତା-** ଗୋଷ୍ଠୀ ଦ୍ୱାରା ନିଆଯାଉଥିବା ସମସ୍ତ ନିର୍ଣ୍ଣୟ ଏବଂ ସଦସ୍ୟମାନଙ୍କ ଉପସ୍ଥାପନ ଏଥିରେ ଦର୍ଶାଯିବା ଉଚିତ୍ ।

୩. **ସଞ୍ଚୟ ଖାତା** (ସଦସ୍ୟମାନଙ୍କର ବ୍ୟକ୍ତିଗତ ସଞ୍ଚୟ ବିବରଣୀ) ପ୍ରତି ସଦସ୍ୟ ପାଇଁ ସଞ୍ଚୟର ଅଲଗା ହିସାବ ରଖାଯିବ, ଯେଉଁଥିରେ ସେମାନଙ୍କ ଦ୍ୱାରା ନିୟମିତ ଭାବରେ ଜମା କରାଯାଉଥିବା ସଞ୍ଚୟ ରାଶି ତଥା ଅନ୍ୟ ପ୍ରାପ୍ତି ଅଦି ଦର୍ଶାଯିବା ଉଚିତ୍ ।

୪. **ଋଣ ଖାତା** (ପ୍ରତ୍ୟେକ ସଦସ୍ୟଙ୍କ ବ୍ୟକ୍ତିଗତ ସଞ୍ଚୟ ବିବରଣୀ) ପ୍ରତି ଋଣୀ ସଦସ୍ୟଙ୍କ ଦ୍ୱାରା ନିଆଯାଇଥିବା ଋଣ ପରିମାଣ ପରିଶୋଧ ରାଶି, ସୁଧ ରାଶି ଦଣ୍ଡସୁଧ ଇତ୍ୟାଦି ଉଲ୍ଲେଖ ରହିବ।

୫. **ସ୍ୱୟଂ ସହାୟକ ଗୋଷ୍ଠୀର ମାସିକ ଆଦାନ ପ୍ରଦାନ ବିବରଣୀ** ବିଭିନ୍ନ ଆଦାୟର ଉତ୍ସ, ଆଦାୟ ରାଶି (ସଞ୍ଚୟ ଋଣ ପରିଶୋଧ, ସୁଧ ଜୋରିମାନା) ଏବଂ ପ୍ରଦାନ (ଋଣ,ବ୍ୟାଙ୍କ ଋଣ ପରିଶୋଧ, ଖର୍ଚ୍ଚ ଇତ୍ୟାଦିର) ହିସାବ କରିବା ।

ସଞ୍ଚୟ ଖାତା, ଋଣ ଖାତା, ସଞ୍ଚୟ ବିବରଣୀ, ମାସିକ ଆଦାନ ପ୍ରଦାନ ବିବରଣୀର ସାରଣୀ ନିମ୍ନରେ ଦିଆଗଲା ।

.... ସ୍ୱୟଂ ସହାୟକ

ଗୋଷ୍ଠୀ ।

ସଞ୍ଚୟ ଖାତା

ସଭ୍ୟ / ସଭ୍ୟାଙ୍କ ନାମ- ସଞ୍ଚୟ ଖାତା: ନଂ.....................

ପିତା/ସ୍ୱାମୀଙ୍କ ନାମ-

ଠିକଣା-

ତାରିଖ	ବିବରଣୀ	ପୂର୍ବଜମା	ଜମାଟଙ୍କା ସାପ୍ତାହିକ / ପାକ୍ଷିକ/ମାସିକ	ସର୍ବମୋଟ	ସମ୍ପାଦକ / ସମ୍ପାଦିକା ସ୍ୱାକ୍ଷର

.... ସ୍ୱୟଂ ସହାୟକ ଗୋଷ୍ଠୀ ।

ସଞ୍ଚୟ ଖାତା

ସଭ୍ୟ / ସଭ୍ୟାଙ୍କ ନାମ-

ପିତା/ସ୍ୱାମୀଙ୍କ ନାମ-

ଠିକଣା-

ଋଣର ଉଦ୍ଦେଶ୍ୟ-

ଋଣର ପରିମାଣ-

ଋଣର ଅବଧି-

ସୁଧର ପରିମାଣ-

ପରିଶୋଧ କରିବାର କିସ୍ତି/ମାସିକ/ତ୍ରୟମାସିକ/ଷାଣ୍ମାଷିକ/ବାର୍ଷିକ ...... ପରିମାଣ.....................

ତାରିଖ	ବିବରଣୀ	ଋଣର ପରିମାଣ	ଫେରସ୍ତ ପରିମାଣ		ଜୋରିମାନା	ବାକି		ସମ୍ପାଦକ / ସମ୍ପାଦିକା ସ୍ୱାକ୍ଷର
			ମୂଳଧନ	ସୁଧ		ମୂଳଧନ	ସୁଧ	

....ସ୍ୱୟଂ ସହାୟକ ଗୋଷ୍ଠୀ

କ୍ର. ନଂ.	ସଭ୍ୟ/ସଭ୍ୟାଙ୍କ ନାମ	ଜାନୁୟାରୀ	ଫେବୃୟାରୀ	ମାର୍ଚ୍ଚ	ଏପ୍ରିଲ୍	ମଇ	ଜୁନ୍	ଜୁଲାଇ	ଅଗଷ୍ଟ	ସେପ୍ଟେମ୍ବର	ଅକ୍ଟୋବର	ନଭେମ୍ବର	ଡିସେମ୍ବର
		ସର୍ବମୋଟ											

....ସ୍ୱୟଂ ସହାୟକ ଗୋଷ୍ଠୀ

ସଞ୍ଚୟ ବିବରଣୀ

ମାସର ନାମ .... ସଦସ୍ୟ ସଂଖ୍ୟା .... ତାରିଖ ....

କ୍ର. ନଂ.	ସଭ୍ୟ / ସଭ୍ୟାଙ୍କ ନାମ	ପରିମାଣ ଟଙ୍କା ପଇସା	କ୍ର. ନଂ.	ଆଦାନ ବିବରଣୀ	ପରିମାଣ ଟଙ୍କା ପଇସା
୧.			୧.	ଋଣ ପ୍ରଦାନ	
୨.	ପୂର୍ବ ବଳକା ଟଙ୍କା ବ୍ୟାଙ୍କର ପାଖରେ		୨.	ଜମା ଟଙ୍କା ଫେରସ୍ତ	
୩.	ସଦସ୍ୟ ମାନଙ୍କ ଠାରୁ ସଂଚୟ ଟଙ୍କା		୩.	ଖର୍ଚ୍ଚ	
୪.	ଋଣ ବାବଦକୁ ଗ୍ରହ୍ୟ ମୂଳଧନ		୪.	ବ୍ୟାଙ୍କ ଋଣ ଉପରେ ଫେରସ୍ତ	
୫.	ସୁଧ		୫.	ବ୍ୟାଙ୍କ ଋଣ ଉପେର ସୁଧ	
୬.	ଜୋରିମାନା		୬.		
୭.	ଜମା ବ୍ୟାଙ୍କ ଉପରେ ବ୍ୟାଙ୍କର ସୁଧ		୭.		
୮.	ବ୍ୟାଙ୍କର ଋଣ ଅନୁଦାନ		୮.		
୯.			୯.		
ସର୍ବମୋଟ (କ)			**ସର୍ବମୋଟ (ଖ)**		
ସଭାପତି	**ସମ୍ପାଦକ**	**କୋଷାଧ୍ୟକ୍ଷ**	୧. ବଳକା ଅର୍ଥ ବ୍ୟାଙ୍କରେ.................... ୨. ....ଙ୍କ ପାଖରେ..........		**(କ) - (ଖ)**

ସଦସ୍ୟତାରୁ ଅଯୋଗ୍ୟ ହେବାର ଅବସ୍ଥା

ଗୋଷ୍ଠୀର ସଦସ୍ୟମାନଙ୍କ ସହମତିରେ କେତେକ ପରିସ୍ଥିତିରେ ସଦସ୍ୟ ଗୋଷ୍ଠୀର ସଦସ୍ୟତାରୁ ଅଯୋଗ୍ୟ ଘୋଷିତ ହୋଇପାରିବେ । ସାଧାରଣତଃ ଦେଖାଯାଇଛି ଯେ ନିମ୍ନଲିଖିତ କ୍ଷେତ୍ରରେ ଏପରି ଘଟିପାରେ ।

➢ ଯେତେବେଳେ କୌଣସି ସଦସ୍ୟ ନିଜର ସଞ୍ଚୟ ଜମା କରିବା ଦୀର୍ଘ ସମୟ ପାଇଁ ବନ୍ଦ କରିଦେବ ।

➢ ଯେବେ କୌଣସି ସଦସ୍ୟ ଲଗାତର ୩-୪ ବୈଠକରେ ଭାଗ ନେବେ ନାହିଁ ।

➢ଯଦି କୌଣସି ସଦସ୍ୟ ଲଗାତର ତିନୋଟି ଋଣ କିସ୍ତିରେ ପରିଶୋଧ କରିବାକୁ ଅକ୍ଷମ ହେବେ ।

➢ଯଦି କୌଣସି ସଦସ୍ୟ ଗୋଷ୍ଠୀର ଜମା ହରଣ କରନ୍ତି କିମ୍ବା ଅପହରଣ କରିବାକୁ ଚେଷ୍ଟା କରନ୍ତି।

➢ଯଦି କୌଣସି ସଦସ୍ୟ ଗୋଷ୍ଠୀର ନିୟମ ଓ ସର୍ତ୍ତ ଗୁଡ଼ିକୁ ପାଳନ କରନ୍ତି ନାହିଁ ।

ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟାଙ୍କ ସମ୍ପର୍କ

ସ୍ୱୟଂ ସହାୟକ ଗୋଷ୍ଠୀକୁ ଔପଚାରିକ ରୂପରେ ବ୍ୟାଙ୍କିଙ୍ଗ୍ ସଙ୍ଗଠନ, ବ୍ୟାଙ୍କ ଶାଖା ସହ ସମ୍ପର୍କ କରିବା ପାଇଁ ସର୍ତ୍ତଗୁଡ଼ିକ ନିମ୍ନ ପ୍ରକାର ଅଟେ।

➢ଗୋଷ୍ଠୀ ଅନ୍ତତଃ ଛଅମାସ ସକ୍ରିୟ କାର୍ଯ୍ୟ କରିଥିବା ଦରକାର ।

➢ଗୋଷ୍ଠୀରେ ହିସାବ / ଖାତାପତ୍ର ଠିକ୍ ରୂପରେ ରହିଥିବ ।

➢ ଗୋଷ୍ଠୀର ଜଣେ ଅନ୍ୟ ଜଣକୁ ସାହାଯ୍ୟ କରିବା ଏବଂ ଐକ୍ୟବଦ୍ଧ ହୋଇ କାମ କରିବାର ବାସ୍ତବିକ ଆବଶ୍ୟକତାର ଆଭାସ ମିଳୁଥିବା ଦରକାର ।

କ- ବ୍ୟାଙ୍କ ଅର୍ଥ ପ୍ରଦାନ କରିବାର ପ୍ରଣାଳୀ

ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଋଣ ପ୍ରଦାନ କରିବାର ଦୁଇଟି ପ୍ରଣାଳୀ

୧. ସିଧା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରିବା ଅଥବା

୨. ସ୍ୱେଚ୍ଛାସେବୀ ସଂସ୍ଥା / ଅଣ ସରକାରୀ ସଂଗଠନ ମାଧ୍ୟମେର ପ୍ରଦାନ କରିବା ।

ଦ୍ୱିତୀୟ ପ୍ରଣାଳୀରେ ବ୍ୟାଙ୍କମାନଙ୍କ ଦ୍ୱାରା ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଅଣ ସରକାରୀ ସଂଗଠନ ଗୁଡ଼ିକୁ ଏକକାଳୀନ ଋଣରାଶି ପ୍ରଦାନ କରାଯାଏ। ତଥା ସେମାନେ ପୁଣି ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ ପ୍ରଣାଳୀରେ ବିଶ୍ୱାସ ଆସିବା ପରେ ବ୍ୟାଙ୍କ ସେହି ଅନୁପାତକୁ ବଢ଼ାଇ ୧:୪ କରିପାରେ ।

ଖ- ପରିଶୋଧ କରିବା ସମୟସୀମା

ଋଣ ପରିଶୋଧ ସମୟ ସୀମା ଅତି କମ୍‌ରେ ଦୁଇବର୍ଷ ବା ତାଠାରୁ ଅଧିକ ହୋଇଥାଏ । ବ୍ୟାଙ୍କ ଏହି ଗୋଷ୍ଠୀ ସହ ବିଚାର ବିମର୍ଷ କରି ଋଣ ସୁଝିବାର ସମୟସୀମା ନିର୍ଦ୍ଧାରଣ କରନ୍ତି । ବ୍ୟାଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିବା ଋଣ ସାଧାରଣତଃ ସ୍ଥାନୀୟ ପରିସ୍ଥିତି ଏବଂ ସଦସ୍ୟମାନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟ/ଗତିବିଧିକୁ ଆଧାର କରି ନିୟମିତି କିସ୍ତିରେ ପରିଶୋଧ କରାଯିବ । ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ଋଣ ପାଇଁ ସାମୁହିକ ସଞ୍ଚୟ ବୀତୀତ ଅନ୍ୟ କୌଣସି ପ୍ରତିଶୃତି ପ୍ରଦାନ କରି ବାରେ ସକ୍ଷମ ହେବେ ନାହିଁ ।

ଆମ ରାଜ୍ୟର ହାରାହାରୀ ୫୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏଣୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ନିଜର ସଞ୍ଚୟ ବୃଦ୍ଧି ସହ ବ୍ୟବସାୟିକ କ୍ଷେତ୍ରରେ ଋଣ ମାଧ୍ୟମରେ ଅର୍ଥ ବିନିଯୋଗ କରି ତାହାର ସୁପରିଚାଳନା କଲେ ଆମ ରାଜ୍ୟ ପ୍ରଗତି ଧେତ୍ରରେ ଅଗ୍ରସର ହେବ । ଏଣୁ ଆସନ୍ତୁ ସମସ୍ତେ ମିଳିମିଶି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବା କଥାରେ ଅଛି ଯୋଡ଼ାକୁ ଘୋଡ଼ା ସରି ନୁହେଁ ।